# 'ଟାଟା ଟି' ଜାଗୋରେ ଆନ୍ତଃସ୍କୁଲ ଫୁଟ୍‌ବଲ ୨୯ରୁ

।। ପ୍ରଭାନ୍ୟୁଜ୍।।

ଭୁବନେଶ୍ୱର, ୨୪।୧୨ ବିଶ୍ୱର ଦ୍ୱିତୀୟ ବୃହତ୍ ଚା' କଂପାନୀ ଟାଟା ଗ୍ଲୋବାଲ ବେଭେରେଜ୍‌ସ ପକ୍ଷରୁ ଦେଶର ୧୫ଟି ସହରରେ ପଞ୍ଚମ 'ଟାଟା ଟି' ଜାଗୋରେ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଆୟୋଜିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡ଼ିୟମରେ ଆସନ୍ତା ୨୯ ଓ ୩୦ ତାରିଖ ଦୁଇଦିନ ଧରି ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ୩୦ରୁ ଅଧିକ ବିଦ୍ୟାଳୟ ଦଳ ଭାଗ ନେବେ। ପ୍ରତି ଦଳରେ ୧୦ ଜଣ ଖେଳାଳି ଓ ଜଣେ କୋଚ୍ ରହିବେ। ଦଳରେ ସାତଜଣ ଖେଳିପାରିବେ। ସମସ୍ତ ଦଳ ଉକ୍ତ ଦିନ ସକାଳ ୮ ଘଟିକା ପୂର୍ବରୁ ଷ୍ଟାଡ଼ିୟମରେ ପହଂଚିବା ଜରୁରୀ। ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ଦଳ ଆସନ୍ତାବର୍ଷ ଏପ୍ରିଲ ମାସରେ ସିଲଂରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଭାଗନେବ। ଖେଳାଳିଙ୍କ ବୟସ ୧୦ରୁ ୧୫ ବର୍ଷ ରଖାଯାଇଛି। ସିଲଂ ଟୁର୍ଣ୍ଣାମେଣ୍ଟରୁ ପ୍ରଥମେ ୩୦ ଜଣ ଖେଳାଳିଙ୍କୁ ଚୟନ କରାଯିବ। ଏହି ଖେଳାଳିଙ୍କ ମଧ୍ୟରୁ ମିଲାନରେ ଆୟୋଜିତ ହେବାକୁ ଥିବା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ପାଇଁ ୧୭ ଜଣଙ୍କୁ ବଛାଯିବ।